بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୧୮ ଜୁଲାଇ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ପବିତ୍ର ମକ୍କା ସହର ଜୟ କରିବା ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବିଶ୍ୱାସ ବର୍ଦ୍ଧକ ବର୍ଣ୍ଣନା ଏବଂ ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀ ସଫଳତା ପୂର୍ବକ ଅନୁଷ୍ଠିତ ହେବା ନିମନ୍ତେ ମହାମହିମ ହୁଜୁର ଅନଓ୍ୱର ଅ.ବଙ୍କର ସଦସ୍ୟବୃନ୍ଦଙ୍କୁ ଦୁଆ କରିବାକୁ ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ଆଜି ମଧ୍ୟ ମୁଁ ମୁସଲମାନମାନଙ୍କର ମକ୍କା ସହର ଜୟ କରିବା ପରିପ୍ରେକ୍ଷୀରେ କେତେକ ଘଟଣାବଳୀର ଆଲୋଚନା କରିବି । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କର ପବିତ୍ର ମକ୍କା ସହରରେ ଅବସ୍ଥାନ କରିବା ସଂକ୍ରାନ୍ତରେ ମତଭେଦ ରହିଛି । ବୁଖାରୀର ବର୍ଣ୍ଣନାନୁଯାୟୀ ହୁଜୁରସ.ଅ ମକ୍କା ସହରରେ ୧୯ଦିନ ଅବସ୍ଥାନ କରିଥିଲେ । ଇତ୍ୟାବସରରେ ମହାଭାଗ ଦୁଇ ରେକାତ୍ ନମାଜ ପାଠ କରୁଥିଲେ ଅର୍ଥାତ୍ ନମାଜ କସର୍ ପାଠ କରୁଥିଲେ । ଆଉ କେତେକ ବର୍ଣ୍ଣନାରେ ୧୭,୧୮ ଅଥବା ୧୫ଦିନ ଅବସ୍ଥାନ କରିଥିବାର ମଧ୍ୟ ଉଲ୍ଲେଖ ରହିଛି ।

ଅନେକ ପାଶ୍ଚାତ୍ୟ ଦାର୍ଶନିକ ମଧ୍ୟ ମକ୍କା ବିଜୟ ସଂକ୍ରାନ୍ତରେ ନିଜ ପୁସ୍ତକରେ ଉଲ୍ଲେଖ କରିଛନ୍ତି । ଯେପରିକି ଉଲିୟମ୍ ମିଓ୍ୱର ଜଣେ ସୁପ୍ରସିଦ୍ଧ ଇତିହାସବିତ୍ । ସେ ସ୍କଟ୍‌ଲ୍ୟାଣ୍ଡ ନିବାସୀ ଥିଲା, ସେ ମକ୍କା ବିଜୟର ଚର୍ଚ୍ଚା କରି ସ୍ୱରଚିତ ପୁସ୍ତକ "ଦି ଲାଇଫ୍ ଅଫ୍ ମୁହମ୍ମଦସ.ଅ"ରେ ଉଲ୍ଲେଖ କରିଛି, ମୁହମ୍ମଦ ସ.ଅଙ୍କର ପୂର୍ବର ସମସ୍ତ ଦୋଷତ୍ରୁଟି କ୍ଷମା କରିବା ଓ ସେ ସହ୍ୟ କରିଥିବା ସମସ୍ତ ଦୁଃଖକଷ୍ଟକୁ ଭୁଲି ଯିବା ଅସଲରେ ସେଥିରେ ତାଙ୍କର ନିଜସ୍ୱ ସ୍ୱାର୍ଥଲାଭ ନିହିତ ଥିଲା । କିନ୍ତୁ ଏଥିପାଇଁ ଏକ ବିରାଟ ଓ କୋମଳ ହୃଦୟର ଆବଶ୍ୟକ ପଡିଥାଏ । ଏହିପରି ଉଲିୟମ୍ ମଣ୍ଟିଗମରୀ ଯେ ଜଣେ ସ୍କଟିସ୍ ଇତିହାସବିତ୍ ଥିଲା, ସେ ଇସଲାମ ଓ ହଜରତ ମୁହମ୍ମଦ ସ.ଅଙ୍କ ବିରୁଦ୍ଧରେ ଅତି କଠୋର ଟିପ୍ପଣୀ ଦେଇଛି । ସେ ଉଲ୍ଲେଖ କରିଛି, ମକ୍କାର ଧନାଢ୍ୟ ଲୋକମାନଙ୍କୁ ମୁସଲମାନ ହେବା ନିମନ୍ତେ ବାଧ୍ୟ କରାଯାଇ ନଥିଲା । ବରଂ ସେମାନେ ନିଜ ଅନେକସ୍ୱରବାଦ ଆସ୍ଥାରେ ପ୍ରତିଷ୍ଠିତ ରହିଥିଲେ । ସବୁଠାରୁ ବଳି ସେହି ବୈଶିଷ୍ଟ୍ୟ ଯାହା ଦ୍ୱାରା ସେ (ଅର୍ଥାତ୍ ହଜରତ ମୁହମ୍ମଦସ.ଅ) ନିଜ ନେତୃତ୍ୱରେ ସାର୍ବଜନିକ ଏକତା ଓ ଅଖଣ୍ଡତାକୁ ବଜାୟ ରଖିଲେ ଏବଂ ପାଖାପାଖି ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଏକଥା ହୃଦୟଙ୍ଗମ କରାଇଲେ ଯେ, ସେମାନଙ୍କ ସହିତ ନ୍ୟାୟ ଆଚରଣ କରାଯିବ । **ଆଉ ଏହା ହିଁ ଇସଲାମୀୟ ସମାଜରେ ପାରସ୍ପରିକ ସମ୍ପର୍କ, ଶାନ୍ତି ଓ ସଦ୍‌ଭାବନା ମୂଳକ ଭାବନାକୁ ବଳବତ୍ତର କରିଦେଇଥିଲା ।**

ଅନ୍ୟ ଜଣେ ପାଶ୍ଚାତ୍ୟ ଦାର୍ଶନିକ ଶ୍ରୀମାନ ଆରଥର୍ ଗିଲ୍‌ମେନ୍ ଯାହାର ସମ୍ପର୍କ ଆମେରିକା ସହିତ ରହିଛି, ସେ ଉଲ୍ଲେଖ କରିଛି, ହଜରତ ମୁହମ୍ମଦ ସ.ଅଙ୍କର ଏହି ଆଚରଣ ଅତି ପ୍ରଶଂସନୀୟ ଯେ ଯେଉଁ ଅବସରରେ ମକ୍କାବାସୀଙ୍କର ହୁଜୁର ସ.ଅଙ୍କ ଉପରେ ବିଗତରେ କରିଥିବା ଅନ୍ୟାୟ ଓ ଅତ୍ୟାଚାରର ପ୍ରତିଶୋଧ ନେବାକୁ ଉସକାଇବା ଅପରିହାର୍ଯ୍ୟ ଥିଲା ସେତେବେଳେ ଆପଣ ନିଜ ସୈନିକମାନଙ୍କୁ ସମସ୍ତ ପ୍ରକାରର ରକ୍ତପାତରୁ ନିବୃତ୍ତ ରହିବାକୁ ତାଗିଦ୍ କରିଥିଲେ । ଆଉ ନମ୍ର ଓ ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କରିବାକୁ ପ୍ରୋତ୍ସାହିତ କରିଥିଲେ । ସେ

ଆହୁରି ଲେଖିଛନ୍ତି ଯେ, ୧୦/୧୨ଜଣ ବ୍ୟକ୍ତି ଯେ ପୂର୍ବରୁ ବିଭିନ୍ନ ଅବସରରେ ଅତ୍ୟନ୍ତ ହିଂସ୍ର ସ୍ୱଭାବର ପ୍ରଦର୍ଶନ କରିଥିଲେ । ସେମାନଙ୍କୁ ଦଣ୍ଡାଦେଶ ଶୁଣା ଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । କିନ୍ତୁ ଏହି ଆଚରଣକୁ ଅନ୍ୟ ବିଜୟ ଅବସର ମୁକାବିଲାରେ ମାନବିକତାର ଚରମ ଉତ୍କର୍ଷ କହିବା ଉଚିତ୍ । ଅଧିକନ୍ତୁ ସେ ଉଲ୍ଲେଖ କରନ୍ତି; ଖ୍ରୀଷ୍ଟଧର୍ମିଙ୍କ ଅତ୍ୟାଚାର ମୁକାବିଲାରେ ଯେଉଁମାନେ ଜେରୁଜିଲମ୍ ଅଧିକୃତ କରିବା ସମୟରେ ଅର୍ଥାତ୍ ୧୦୯୯ମସିହାରେ ୭୦ହଜାର ମୁସଲମାନ ପୁରୁଷ, ମହିଳା ଓ ପିଲାମାନଙ୍କୁ ଅତି ନିର୍ମମ ଭାବରେ ହତ୍ୟା କରିଦେଲେ ଅଥବା ଇଂରେଜ ସେନା ବାହିନୀ ମୁକାବିଲାରେ ଯେତେବେଳେ ସେମାନେ ସଲିବ୍ (କ୍ରୁସ)ର ଛତ୍ରଛାୟା ତଳେ ଯୁଦ୍ଧ ଲଢ଼ିଥିଲେ । ଯେଉଁମାନେ ୧୮୭୪ମସିହାରେ ଏକ ଚିର ସ୍ମରଣୀୟ ବର୍ଷରେ ଯୁଦ୍ଧ ଲଢ଼ିବା ଅବସରରେ ଆଫ୍ରିକାର ସ୍ୱର୍ଣ୍ଣତଟ (ଅର୍ଥାତ୍ ଘାନା)ର ରାଜଧାନୀକୁ ଜାଳି ଦେଇଥିଲେ । ଏହା ବିପରୀତ ହଜରତ ମୁହମ୍ମଦ ସ.ଅଙ୍କର ମକ୍କା ଜୟ କରିବା ଅସଲରେ ଏକ ଧାର୍ମିକ ବିଜୟ ଥିଲା, ନା କି ରାଜତନ୍ତ୍ରିକ । ତେଣୁ ଆପଣ ସମସ୍ତ ପ୍ରକାରର ବ୍ୟକ୍ତିଗତ ମାନସମ୍ମାନ ରକ୍ଷା କରିବାକୁ ଉପେକ୍ଷା କରି ଓ ରାଜକୀୟ ପ୍ରଥାରୁ ସମ୍ପୂର୍ଣ୍ଣ ରୂପେ ବିରତ ରହିଥିଲେ । ଆଉ ଯେତେବେଳେ ମକ୍କାର ସମସ୍ତ ଅହଂକାରୀ ସରଦାର ହୁଜୁର ସ.ଅଙ୍କ ସମ୍ମୁଖରେ ଉପସ୍ଥିତ କରାଗଲେ, ସେତେବେଳେ ପୁଣ୍ୟଶ୍ଲୋକ ତାଙ୍କୁ ପଚାରିଲେ ଆଜି ତୁମେ ମୋ ଠାରୁ କ'ଣ ଆଶା କରୁଛ ? ସେମାନେ ଉତ୍ତର ଦେଲେ ହେ ଆମର ମହାଦାନୀ ଭାଇ ! ଆମେ ତୁମ ଠାରୁ ଦୟା ଆଚରଣର ଆଶା କରୁଛୁ । ଏଥିରେ ହୁଜୁରସ.ଅ କହିଲେ; **ତେବେ ଏହିପରି ହିଁ ହେବ । ଯାଅ ଆଜି ତୁମେ ସମସ୍ତେ ସ୍ୱାଧୀନ ।**

ଜଣେ ପାଶ୍ଚାତ୍ୟ ମହିଳା ଇତିହାସବିତ୍ ଶ୍ରୀମତୀ ରୁଥ କ୍ରିନଷ୍ଟନ୍‌ର ଆମେରିକା ନିବାସୀ ଥିଲେ । ସେ ଉଲ୍ଲେଖ କରିଛି, ୬୩୦ ମସିହାର ପ୍ରାରମ୍ଭରେ ଏକଦା ଯେଉଁ ବ୍ୟକ୍ତିକୁ ଟେକାପଥର ମାରି ବହିଷ୍କାର କରିଦିଆ ଯାଇଥିଲା ଏବଂ ଯାହାଙ୍କୁ ପରିହାସର ପାତ୍ର କରାଯାଇଥିଲା । ଏବେ ସେ ନିଜର ୧୦ହଜାର ଅଭିଜ୍ଞ ସିପାହୀମାନଙ୍କ ସହିତ ସହରରେ ପ୍ରବେଶ କରିଥିଲେ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ତାଙ୍କୁ ଆଦେଶ ଦେଇଥିଲେ ଯେ, କାହାରିକୁ ହତ୍ୟା କରିବ ନାହିଁ ଏବଂ ସହରବାସୀଙ୍କ ସହିତ ନମ୍ର ଓ ସହାନୁଭୂତି ପ୍ରଦର୍ଶନ କରିବ । ଶ୍ରୀମତୀ କେରନ୍ ଆରମ୍ ଇଂଲଣ୍ଡର ଜଣେ ମହିଆସି ମହିଳା ଇତିହାସବିତ୍, ସାଧାରଣତଃ ସେ ଅତି ନ୍ୟାୟବନ୍ତ ପୂର୍ବକ ରଚନା କରିଥାନ୍ତି, ସେ ନିଜ ପୁସ୍ତକରେ ଉଲ୍ଲେଖ କରିଛନ୍ତି, ହଜରତ ମୁହମ୍ମଦସ.ଅ କଦାପି ରକ୍ତପିପାସୁ ପୂର୍ଣ୍ଣ ପ୍ରତିଶୋଧ ନେବାକୁ ଚେଷ୍ଟା କରି ନଥିଲେ, ନା କାହାରିକୁ ଇସଲାମ ଧର୍ମ ଗ୍ରହଣ କରିବାକୁ ବାଧ କରିଥିଲେ । ଆଉ ନା ଏଥିପାଇଁ କାହା ଉପରେ ଚାପ ପକାଇଥିଲେ । ମହାଭାଗ ଏଥି ସକାଶେ ମକ୍କା ପ୍ରତ୍ୟାବର୍ତ୍ତନ କରି ନଥିଲେ ଯେ, କୁରୈଶ ଉପରେ ବଳପୂର୍ବକ ଅତ୍ୟାଚାର କରିବେ । ବରଂ ଏଥି ସକାଶେ ଆସିଥିଲେ ଯେ, ସେହି ଧର୍ମର ଅନ୍ତ କରିଦେବେ ଯାହା ଅମାନ୍ୟକାରୀଙ୍କ ସକାଶେ ବିଫଳର କାରଣ ସିଦ୍ଧ ହୋଇଥିଲା । **ମକ୍କା ଜୟ କରିବା ଦ୍ୱାରା ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ନିଜ ଅବତାରତ୍ୱର ଦାବିକୁ ସତ୍ୟ ପ୍ରମାଣିତ କରିଦେଇଥିଲେ ।** ଏହି ବିଜୟ ବିନା କୌଣସି ରକ୍ତପାତ ଦ୍ୱାରା ହାସଲ ହୋଇଥିଲା । ଆଉ ପୁଣ୍ୟଶ୍ଲୋକଙ୍କର ଶାନ୍ତିପୂର୍ଣ୍ଣ ପଲିସି (ନୀତି) ସଫଳ ହୋଇଥିଲା । ମାତ୍ର କିଛି ବର୍ଷରେ ହିଁ ମକ୍କାରୁ ପ୍ରତିମା ପୂଜା କରିବାର ମୂଳୋତ୍ପାଟନ ଘଟିଥିଲା ଏବଂ ଅକରମା ଓ ସୋହେଲ୍ ଯେପରି କଠୋର ସ୍ୱଭାବୀ ବିଦ୍ରୋହୀ ନିଷ୍ପାପର ଓ ଉତ୍ସର୍ଗୀ ମୁସଲମାନ, ପାଲଟି ଯାଇଥିଲେ ।

ମକ୍କା ଜୟ କରିବାର ବ୍ୟାଖ୍ୟାରେ ଅବ୍ଦୁଲ୍ଲାଃ ବିନ୍ ଅବି ସରାଃଙ୍କର ଇସଲାମ ଧର୍ମରେ ଦୀକ୍ଷିତ ହେବାର ମଧ ଚର୍ଚ୍ଚା ମିଳୁଅଛି । ସେ ପ୍ରଥମେ ମୁସଲମାନ ଥିଲା ଏବଂ ଜଣେ ଐଶ୍ୱୀବାଣୀ ପ୍ରାପ୍ତକାରୀ ଥିଲା । କିନ୍ତୁ ସେ ପଥଭ୍ରଷ୍ଟ ହୋଇ ଇସଲାମ ଧର୍ମରୁ ଓହରିଯାଇ ମକ୍କା ଚାଲି ଯାଇଥିଲା । ମକ୍କା ଜୟ କରିବା ଅବସରରେ ଯେଉଁ ଲୋକମାନଙ୍କୁ ହତ୍ୟା କରିବାର ଆଦେଶ ଦିଆଯାଇଥିଲା ସେମାନଙ୍କ ମଧ୍ୟରେ ଅବ୍ଦୁଲ୍ଲାଃ ବିନ୍ ଅବି ସରାଃ ମଧ ଅନ୍ତର୍ଭୁକ୍ତ ଥିଲା । କିନ୍ତୁ ହଜରତ ଉସମାନର.ଅ ତାହାକୁ ଶରଣ ଦେବା ଫଳରେ ସେ ତାଙ୍କ ଘରେ ହିଁ ଲୁଚି ରହିଥିଲା । ଏକଦା ଯେତେବେଳେ ପୁଣ୍ୟଶ୍ଲୋକ (ଲୋକମାନଙ୍କ ଠାରୁ) ବୈଅତ୍ ନେଉଥିଲେ ସେତେବେଳେ ହଜରତ ଉସମାନର.ଅ ତାହାକୁ ମଧ ଘେନି

ଆଣିଲେ । ହୁଜୁର[ସ.ଅ] ତା'ଠାରୁ (ବୈଅତ୍ ନେବାରେ) କିଛି ସମୟ ବିଳମ୍ବ କଲେ କିନ୍ତୁ ପରେ ତାହା ଠାରୁ ମଧ୍ୟ ବୈଅତ୍ ନେଇଥିଲେ । ସେ ପରବର୍ତ୍ତୀ ସମୟରେ ଯାଇ ମିଶର ଦେଶର ଗଭର୍ନର ମୁତୟନ ହୋଇଥିଲେ । ଆଉ ସେ ଆଫ୍ରିକାର ଏକ ଅଞ୍ଚଳକୁ ମଧ୍ୟ ଜୟ କରିଥିଲେ ଏବଂ ସେ ହଜରତ ଉସମାନ [ର.ଅ]ଙ୍କର ରଜାଈ (ଜଣେ ମାତା'ଙ୍କ ଦୁଗ୍ଧ ପାନ କରିବା) ଭାଇ ଥିଲେ । କିନ୍ତୁ ହଜରତ ଉସମାନ [ର.ଅ]ଙ୍କ ଶହିଦ୍ ହେବା ପରେ ସେ ବିଦ୍ରୋହ ଓ ବିଶୃଙ୍ଖଳାରୁ ପୃଥକ ହୋଇ ଯାଇଥିଲେ । ଉଲ୍ଲେଖ ମିଳୁଛି ଯେ, ସେ ପ୍ରାର୍ଥନା କରିଥିଲେ କି ତାଙ୍କର ଶେଷ କର୍ମ ନମାଜ୍ ହେଉ । **ଅତଃ ଦିନେ ପ୍ରାତଃ କାଳିନ ନମାଜ୍ ସମୟରୁ ସଲାମ୍ ଫେରିବା ପରେ ତାଙ୍କର ନିଧନ ହୋଇଗଲା ।**

ଅକରମା ବିନ୍ ଅବୁ ଜହେଲ୍‌ର ମଧ୍ୟ ବିଶ୍ୱାସ ଥିଲା ଯେ, ତାହାକୁ ମହାଭାଗ ନିଶ୍ଚିତ ରୂପେ ଦଣ୍ଡିତ କରିବେ । ସୁତରାଂ ସେ ସମୁଦ୍ର ପଥରେ ୟମନ୍ ଦେଶକୁ ପଳାୟନ କରିବାର ନିଷ୍ପତ୍ତି ନେଲା । ତାହାର ପତ୍ନୀ ଉମ୍ମେ ହକିମ୍ ଇସଲାମ ଧର୍ମ ଗ୍ରହଣ କରି ନେଇଥିଲେ, ସେ ମହାଭାଗ [ସ.ଅ]ଙ୍କ ସେବାରେ ଉପସ୍ଥିତ ହୋଇ କହିଲେ; ଅକରମାଙ୍କୁ ଭୟ ଘାରିଛି ଯେ, ଆପଣ[ସ.ଅ] ତାହାକୁ ମୃତ୍ୟୁଦଣ୍ଡ ଦେବେ । ସେ ନିବେଦନ କଲେ ହୁଜୁର ତାଙ୍କୁ କ୍ଷମା କରିଦିଅନ୍ତୁ । ଏଥିରେ ମହାଭାଗ କହିଲେ; ମୁଁ ତାକୁ କ୍ଷମା କରିଦେଲି । ବସ୍ତୁତଃ ଅକରମାଙ୍କ ପତ୍ନୀ ତାହା ନିକଟରେ ପହଞ୍ଚି ତାକୁ ଏହି ସୁସମାଚାର ଦେଇ କହିଲେ; ମୁଁ ବର୍ତ୍ତମାନ ସେହି ମହାପୁରୁଷ ନିକଟରୁ ଆସୁଛି ଯିଏକି ଲୋକମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ସମ୍ପର୍କ ସ୍ଥାପନକାରୀ ଏବଂ ସର୍ବଶ୍ରେଷ୍ଠ, ମହାନ ତଥା ସବୁଠାରୁ ଅଧିକ ଲୋକମାନଙ୍କର ହିତାକାଂକ୍ଷୀ । ତୁମେ ନିଜକୁ କଷ୍ଟ ଦିଅ ନାହିଁ କାରଣ ମୁଁ ତୁମ ସମସ୍ତ ଦୋଷ କ୍ଷମା କରାଇ ଦେଇଛି । **ସୁତରାଂ ଅକରମା ଫେରି ଆସିଲା ଏବଂ ଇସଲାମ ଧର୍ମରେ ଦୀକ୍ଷିତ ହୋଇଗଲା ।**

ଯେଉଁ ଲୋକମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆ ଯାଇଥିଲା, ସେମାନଙ୍କ ମଧ୍ୟରେ ସେହି ବ୍ୟକ୍ତି ମଧ୍ୟ ସାମିଲ ଥିଲା ଯେ ନବୀଶ୍ରେଷ୍ଠ [ସ.ଅ]ଙ୍କର କନ୍ୟା ହଜରତ ଜୈନବ୍ [ର.ଅ]ଙ୍କ ମୃତ୍ୟୁବରଣ କରିବାର ମୂଖ୍ୟ ଅଭିଯୁକ୍ତ ଥିଲା । ସେ ହଜରତ ଜୈନବ୍ [ର.ଅ]ଙ୍କ ଓଟ ଉପରେ ବନ୍ଧା ଯାଇଥିବା ପାଲିକି ରସିକୁ କାଟି ଦେଇଥିଲା, ଯଦ୍ଦ୍ୱାରା ହଜରତ ଜୈନବ୍[ର.ଅ] ଓଟ ଉପରୁ ଖସି ପଡିଥିଲେ । ଯାହା ଫଳରେ ତାଙ୍କର ଗର୍ଭପାତ ହୋଇଥିଲା ଓ କିଛି କାଳରେ ହିଁ ସେ ଶେଷ ନିଶ୍ୱାସ ତ୍ୟାଗ କରି ଦେଇଥିଲେ । ତା'ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଇରାନ ଦେଶକୁ ପଳାୟନ କରି ଯାଇଥିଲା, କିନ୍ତୁ ଏହି ଅବସରରେ ସେ ହୁଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହୋଇ କ୍ଷମା ଭିକ୍ଷା କରିଥିଲା । ଆଉ ଅନନ୍ତ ଦୟାସାଗର ହଜରତ ମୁହମ୍ମଦ[ସ.ଅ] ତାକୁ କ୍ଷମା କରି ଦେଇଥିଲେ । ଏହିପରି କାବ୍ ବିନ୍ ଜୋହେର୍‌ର ମଧ୍ୟ ଇସଲାମ ଧର୍ମ ଗ୍ରହଣ କରିବାର ବର୍ଣ୍ଣନା ମିଳୁଅଛି । ଏହି ବ୍ୟକ୍ତି ମଧ୍ୟ ନବୀଶ୍ରେଷ୍ଠ [ସ.ଅ]ଙ୍କର ଭୀଷଣ ଶତ୍ରୁ ଥିଲା, ସେ ଜଣେ କବି ଥିଲା ଏବଂ ନିଜ କବିତା ମାଧ୍ୟମରେ ଇସଲାମ ଓ ନବୀଶ୍ରେଷ୍ଠ [ସ.ଅ]ଙ୍କର ବିରୁଦ୍ଧାଚରଣ ପରିବ୍ୟାପ୍ତ କରୁଥିଲା । ସେ ହୁଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲା ଏବଂ ନିଜ ପରିଚୟ ଗୋପନ ରଖି, କାବ୍ ବିନ୍ ଜୋହେର୍ ପାଇଁ କ୍ଷମା ଭିକ୍ଷା କଲା । ଯେତେବେଳେ ହୁଜୁର[ସ.ଅ] ତାହାକୁ କ୍ଷମା କରିଦେଲେ ସେତେବେଳେ ସେ କହିଲା ମୁଁ ହିଁ କାବ୍ । ସେହି ସମୟରେ ସେ ଅତି ସୁନ୍ଦର କସିଦାଃ (ଆରବି କବିତା) ଉପସ୍ଥାପନ କଲା, ଏଥିରେ ହୁଜୁର[ସ.ଅ] ତାହାକୁ ନିଜ ଚଦର (ଭେଟି ସ୍ୱରୂପ) ପ୍ରଦାନ କଲେ । ଏଥିଯୋଗୁଁ ସେହି କବିତା "କସିଦାଃ ବୁରଦାଃ" ନାମରେ ନାମିତ ହୋଇଗଲା ।

ମହାମହିମ ହୁଜୁର ଅନୱର[ଅ.ବ] କହିଲେ; ଇସଲାମୀୟ ଇତିହାସରେ ଇମାମ୍ ବସରୀଙ୍କର କସିଦାଃ ମଧ୍ୟ କସିଦାଃ ବୁରଦାଃ" ନାମରେ ଅଭିହିତ । ତାହାକୁ ଏଥିପାଇଁ କସିଦାଃ ବୁରଦାଃ କହନ୍ତି, କାରଣ ଯେତେବେଳେ ସେ ମହାଭାଗ [ସ.ଅ]ଙ୍କ ବୈଶିଷ୍ଟ୍ୟ ବ୍ୟାଖ୍ୟା କରି କବିତା ଲେଖିଲେ ସେତେବେଳେ ସେ ଏକଦା ସ୍ୱପ୍ନରେ ଦେଖିଲେ, ହୁଜୁର[ସ.ଅ] ତାଙ୍କୁ ନିଜ ଚଦରରେ ଢ଼ାଙ୍କି ଦେଇଛନ୍ତି ଯାହାକି ସ୍ୱପ୍ନ ଅପସରି ଯିବାପରେ ମଧ୍ୟ ତାଙ୍କ କାନ୍ଧ ଉପରେ ପଡି ରହିଥିଲା । କୁହାଯାଏ ଯେ **ଇମାମ୍ ବସରୀ ଜଣେ ପକ୍ଷଘାତୀ ପୀଡ଼ିତ ବ୍ୟକ୍ତି ଥିଲେ, କିନ୍ତୁ ସେହି ଚଦରର ଆଶିଷ ଫଳରେ ସେ ସୁସ୍ଥ ହୋଇ ଯାଇଥିଲେ ।** ତେବେ ସେ ଯାହା ହେଉ ଏହା ଏକ କାହାଣୀ ହୋଇଥାଇପାରେ ଯାହାକି ବର୍ଣ୍ଣନା

କରାଯାଉଛି । ଏପରି କାହାଣୀ ମଧ୍ୟ (ଇତିହାସ ପୃଷ୍ଠାରେ) ଉଲ୍ଲେଖ ରହିଛି । ଏହିପରି ଆହୁରି ଅନେକ ବଡ଼ ବଡ଼ ଶତ୍ରୁମାନେ ଇସଲାମ ଧର୍ମ ଗ୍ରହଣ କରିଥିବାର ବର୍ଣ୍ଣନା ମିଳେ । ଆଉ ସେମାନଙ୍କୁ ମଧ୍ୟ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କ୍ଷମା କରିଦେଇଥିଲେ । ସେହି ଘଟଣାଗୁଡ଼ିକର ଚର୍ଚ୍ଚା ଇନ୍‌ଶାଅଲ୍ଲାଃ ଆସନ୍ତାରେ କରିବି ।

ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆସନ୍ତା ଜୁମା ଠାରୁ ଇନ୍‌ଶାଅଲ୍ଲାଃ ଜମାଅତ ଅହମଦିୟା ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଅଛି, ସେଥିପାଇଁ ଦୁଆ କରିବେ ଅଲ୍ଲାଃତାଲାଙ୍କ କୃପାରୁ ଏହି ଜଲ୍‌ସା ପ୍ରତ୍ୟେକ ଦିଗରୁ ସଫଳ ହେଉ ଓ ସେ ନିଜ କୃପାଶିଷ ଅବତୀର୍ଣ୍ଣ କରିଚାଲିଥାନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଦୁର୍ଜନ ଓ କ୍ଷତିକାରକ ବ୍ୟକ୍ତି ତଥା ଏପରି ମନ୍ଦ ଉଦ୍ଦେଶ୍ୟ ରଖୁଥିବା ଲୋକମାନଙ୍କ ଠାରୁ (ଆମକୁ) ରକ୍ଷା କରନ୍ତୁ । ଯେଉଁ ଅତିଥି ଦେଶ ଅଭ୍ୟନ୍ତରରୁ ଓ ବାହାରୁ ଆସୁଛନ୍ତି ଅଲ୍ଲାଃତାଲା ସେମାନଙ୍କ ଯାତ୍ରା ସଫଳ କରନ୍ତୁ ଏବଂ ସକୁଶଳେ ଆଣି ପହଞ୍ଚାଇ ଦିଅନ୍ତୁ । ଆମିନ୍ । ଆଉ ଯେଉଁମାନଙ୍କ ସମ୍ପର୍କୀୟ ଜଲ୍‌ସାରେ ଯୋଗ ଦେବା ପାଇଁ ଆସୁଛନ୍ତି ଅବା ଯେ ଜମାଅତୀୟ ବ୍ୟବସ୍ଥାରେ ଆସୁଛନ୍ତି, ସେମାନଙ୍କର ବ୍ୟବସ୍ଥା ଅତିଥିସତ୍କାର ବିଭାଗ ଦ୍ୱାରା କରାଯିବ । ଅଲ୍ଲାଃତାଲା ପ୍ରତ୍ୟେକ କର୍ମୀମାନଙ୍କୁ ଏହି ଅତିଥିମାନଙ୍କର ଉତ୍ତମ ରୂପେ ସତ୍କାର କରବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

କର୍ମୀମାନେ ବେଶ ଆଗ୍ରହ ଓ ଉତ୍ସାହର ସହିତ ଡ଼ିଉଟି ଦେବା ପାଇଁ ନିଜକୁ ଉପସ୍ଥାପନ କରିଥାନ୍ତି । ଅଲ୍ଲାଃତାଲା ସେ ସମସ୍ତ କର୍ମୀ ଓ କର୍ମକର୍ତ୍ତାମାନଙ୍କୁ ସେବା କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ସେମାନେ ଅତି ନମ୍ର ଆଚରଣ, ପ୍ରସନ୍ନଚିତ୍ତ ଓ ସମ୍ମାନ ପ୍ରଦର୍ଶନ କରି ଅତିଥିମାନଙ୍କର ସତ୍କାର କରନ୍ତୁ । କେତେକ ସମୟରେ କାର୍ଯ୍ୟ ବହୁଳତା ଓ ନିଦର ଅଭାବ ଯୋଗୁଁ କେତେକ କର୍ମୀମାନଙ୍କ ଆଚରଣ ଆଂଶିକ ରୂପେ ପ୍ରଭାବିତ ହୋଇଥାଏ । କିନ୍ତୁ ପ୍ରତ୍ୟେକ କର୍ମୀମାନଙ୍କୁ ଏହି କଥା ସ୍ମରଣ ରଖି ଦିନ ଅତିବାହିତ କରିବା ଉଚିତ୍ ଯେ, ଆମକୁ ହଜରତ ମସିହ ମଉଦ [ଅ.ସ]ଙ୍କ ଅତିଥିମାନଙ୍କ ସେବା କରିବାର ଅଛି । ଏଥିପାଇଁ ଆମମାନଙ୍କୁ ପ୍ରତ୍ୟେକ ବଳିଦାନ କରିବା ସକାଶେ ନିଜକୁ ପ୍ରସ୍ତୁତ ରଖିବା ଓ ପ୍ରତ୍ୟେକ ପରିସ୍ଥିତିରେ ଆମ ମୁଖ ହାସ୍ୟପୂର୍ଣ୍ଣ ରହିବା ଉଚିତ୍ । ଜଣେ କର୍ମଚାରୀ ସେ ଅଧିକାରୀ ହେଉ ଅବା କର୍ମୀ, ଯୁବକ ହେଉ ଅବା ଯୁବତୀ, ପୁରୁଷ ହେଉ ଅବା ମହିଳା ଯେକୌଣସି ବିଭାଗରେ ସେବା ସମ୍ପାଦନ କରୁ ନା କାହିଁକି, ସେ ସମସ୍ତଙ୍କୁ ନିଜ ଚେହେରାରେ ସ୍ମିତହାସ୍ୟ ପ୍ରକାଶ କରି ନିଜ କାର୍ଯ୍ୟ ସମ୍ପାଦନ କରିବା ଉଚିତ୍ । ଅଲ୍ଲାଃତାଲା ଏଥିପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ । ଏଥି ସହିତ ନିଜ ଚତୁର୍ପାର୍ଶ୍ୱରେ ଗଭୀର ଦୃଷ୍ଟି ରଖିବା ଉଚିତ୍ ଯଦ୍ଦ୍ୱାରା କାହାରିକୁ କୌଣସି ପ୍ରକାର ଅନିଷ୍ଟ କରିବାକୁ ସାହାସ ଜୁଟିବ ନାହିଁ । ଅଲ୍ଲାଃତାଲା ପ୍ରତ୍ୟେକ କର୍ମୀମାନଙ୍କୁ ଉତ୍ତମ ରୂପେ ନିଜ ନିଜ ସେବା ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ସେମାନେ ଅଲ୍ଲାଃଙ୍କ କୃପାଶିଷର ଅଧିକାରୀ ହୁଅନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମ୍‌ଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟ୍ୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

❖❖❖ ❖❖❖ ❖❖❖ ❖❖❖

Khulasa Khutba Juma Huzoor Anwar a.b.a

18th July 2025

*Translated to Odia by :* Moulavi Anwar Ahmad Khan